بسم اللہ الرحمٰن الرحیم

**ଖୁତବା ଜୁମା ୪ ସେପ୍ଟେମ୍ବର ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# *ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ହଜ୍‌ରତ୍ ଜୁବୈର୍ ବିନ୍ ଅଵ୍ୱାମ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ୍ଜିଜ୍ କହିଲେ: ଅଲ୍ଲାଃତାଲା କୁରଆନ୍ ମଜିଦ୍‌ରେ କହିଛନ୍ତି

اَلَّذِيْنَ اسْتَجَابُوْا لِلّٰهِ وَالرَّسُوْلِ مِنْۢ بَعْدِ مَاۤ اَصَابَهُمُ الْقَرْحُ ۛؕ لِلَّذِيْنَ اَحْسَنُوْا مِنْهُمْ وَاتَّقَوْا اَجْرٌ عَظِيْمٌ ۚ (اٰلِ عمران: 173)

*ଅର୍ଥାତ୍ ଯେଉଁ ଲୋକମାନେ ଆଘାତ ପାଇବା ପରେ (ମଧ୍ୟ) ଅଲ୍ଲାଃଙ୍କ ଓ ରସୁଲଙ୍କର ଆଦେଶକୁ ଗ୍ରହଣ କରିଛନ୍ତି, ସେମାନଙ୍କ ମଧ୍ୟରୁ ଯେଉଁମାନେ ଭଲ ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି ଓ ଧର୍ମଭୀରୁତା ଅବଲମ୍ବନ କରିଛନ୍ତି ସେମାନଙ୍କ ପାଇଁ ମହାନ୍ ପୁରସ୍କାର ଅଛି ।*

ହୁଜୁର ଅନୱର୍ ଅ.ବ କହିଲେ ହଜ଼ରତ୍ ଜ୍ଜୁବୈର୍ ର.ଅଙ୍କ ଜୀବନୀର ଅବଶିଷ୍ଟାଂଶ ରହି ଯାଇଥିଲା ଯାହାକୁ ଆଜି ମୁଁ ବର୍ଣ୍ଣନା କରିବି । ଉପରୋକ୍ତ ଆୟତ ସଂପର୍କରେ, ବର୍ତ୍ତମାନ ଯାହାର ମୁଁ ଆବୃତ୍ତି କରି ଆସିଲି, ହଜ଼ରତ ଆଏଶା ର.ଅ ହଜ଼ରତ୍ ଉର୍‌ୱା ର.ଅଙ୍କୁ କହିଲେ ଯେ, ହେ ମୋର ଭଣଜା ! ତୁମର ଜେଜ ଜ୍ଜୁବୈର ଏବଂ ଅବୁ ବକ୍କର୍ ର.ଅଙ୍କର ହିଁ ଚର୍ଚ୍ଚା ଉପରୋକ୍ତ ଆୟତରେ ବର୍ଣ୍ଣିତ । ଯେତେବେଳେ ଓହୋଦ୍ ଯୁଦ୍ଧରେ ଆଁହଜ଼ରତ ସ.ଅ ଆହତ ହୋଇଥିଲେ ଏବଂ ଅବିଶ୍ୱାସକାରୀମାନେ ପ୍ରତ୍ୟାବର୍ତ୍ତନ କରିଗଲେ, ସେତେବେଳେ ହୁଜୁର ସ.ଅଙ୍କୁ ଭୟର ଭାଳେଣୀ ପଡ଼ିଲା ଯେ, ସେହି ଅବିଶ୍ୱାସକାରୀ ମାନେ ଯେପରି ଫେରି ପୁନର୍ବାର ଆକ୍ରମଣ ନ କରନ୍ତୁ । ଏଣୁ ଆଁହଜ଼ରତ ସ.ଅ କହିଲେ ଯେ, ସେହି ଅବିଶ୍ୱାସକାରୀମାନଙ୍କର ପିଛା କରିବାକୁ କେଉଁ କେଉଁ ବ୍ୟକ୍ତି ଯିବେ ? ଆଁହଜ଼ରତ ସ.ଅଙ୍କର ଉକ୍ତ କଥାକୁ ଶୁଣି ସଙ୍ଗେସଙ୍ଗେ ୭୦ ଜଣ ସାହାବା ବାହାରି ପଡ଼ିଥିଲେ । ସେହି ସାହାବାମାନଙ୍କ ମଧ୍ୟରେ ହଜ଼ରତ୍ ଜ୍ଜୁବୈର୍ ଓ ହଜ଼ରତ ଅବୁ ବକ୍କର ର.ଅ ମଧ୍ୟ ସାମିଲ ଥିଲେ ଏବଂ ଏହି ଦୁଇ ଜଣ ସାହାବା ସେତେବେଳେ ବେଶ୍ ଆଘାତ ପ୍ରାପ୍ତ ମଧ୍ୟ ଥିଲେ । ହଜ଼ରତ ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ଏହା କହୁଥିବାର ନିଜ କାନରୁ ଶୁଣିଲି ଯେ, ତଲ୍‌ହା ଓ ଜ୍ଜୁବୈର୍ ବୈକୁଣ୍ଠରେ ମୋର ପଡ଼ୋଶୀ ହେବେ । ହଜ଼ରତ୍ ସଇଦ୍ ବିନ୍ ଜବିର୍ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ଅବୁ ବକ୍କର, ହଜ଼ରତ ଉମର୍, ହଜ଼ରତ ଉସମାନ୍, ହଜ଼ରତ ଅଲୀ, ହଜ଼ରତ ତଲ୍‌ହା, ହଜ଼ରତ ଜ୍ଜୁବୈର୍, ହଜ଼ରତ ସାଆଦ୍, ହଜ଼ରତ ଅବ୍‌ଦୁର୍ ରହମାନ ଏବଂ ହଜ଼ରତ ସଇଦ୍ ବିନ୍ ଜ୍ଜୈଦ୍ ର.ଅଙ୍କର ମର୍ଯ୍ୟାଦା ଏପରି ଥିଲା ଯେ, ଏମାନେ ରଣଭୂମିରେ ଆଁହଜ଼ରତ୍ ସ.ଅଙ୍କ ଆଗରେ ଲଢୁଥିଲେ ଏବଂ ନମାଜ଼ରେ ଆଁହଜ଼ରତ ସ.ଅଙ୍କ ପଛରେ ଛିଡ଼ା ହେଉଥିଲେ।

ରସୁଲ କରୀମ ସ.ଅ ଯେଉଁ ଲିପିକାରମାନଙ୍କ ସାହାଯ୍ୟରେ କୁରଆନ୍ କରୀମ୍‌ର ପଙ୍‌କ୍ତି ଲିପିବଦ୍ଧ କରୁଥିଲେ ତନ୍ମଧ୍ୟରୁ ହଜ଼ରତ ଜ଼ୁବୈର୍ ବିନ୍ ଅୱାମ୍ ର.ଅଙ୍କ ନାମ ଉଲ୍ଲେଖନୀୟ ଅଟେ । ଆଁହଜ଼ରତ ସ.ଅ ଯେତେବେଳେ ମଦିନାରେ ଘରଗୁଡ଼ିକର ସୀମା ନିର୍ଦ୍ଧାରଣ କଲେ ସେତେବେଳେ ହଜ଼ରତ ଜ଼ୁବୈର ର.ଅଙ୍କୁ ଏକ ପ୍ରଶସ୍ତ ଜମି ପ୍ରଦାନ କରିଥିଲେ ।

ହଜ଼ରତ ଜ଼ୁବୈର୍ ର.ଅ କହୁଥିଲେ ଯେ, ଏକଦା ହଜ଼ରତ ଜ଼ୁବୈର୍ ବିନ୍ ଅୱାମ୍ ର.ଅଙ୍କ ଆଁହଜ଼ରତ୍ ସ.ଅଙ୍କ ଉପସ୍ଥିତିରେ ଜଣେ ଅନ୍‌ସାରୀ ଲୋକ ସହିତ ପାଣିର ନାଳକୁ କେନ୍ଦ୍ର କରି ମତପାର୍ଥକ୍ୟ ହୋଇଥିଲା। ଯେଉଁଥିରୁ ସେମାନେ ଉଭୟେ ନିଜ ଚାଷଜମିକୁ ଜଳ ସିଞ୍ଚନ କରୁଥିଲେ । ତେବେ ଆଁହଜ଼ରତ୍ ସ.ଅ ହଜ଼ରତ ଜ଼ୁବୈର୍ ର.ଅଙ୍କୁ ନିର୍ଦ୍ଦେଶ ଦେଲେ ଯେ, ହେ ଜ଼ୁବୈର ! ତୁମେ ନିଜ ଚାଷ ଜମିରେ ପାଣି ମଡ଼ାଇ ସାରିବା ପରେ ଅବଶିଷ୍ଟ ଜଳ ନିଜ ପଡ଼ୋଶୀ ପାଇଁ ପାଣି ଛାଡ଼ିଦିଅ । ଆଁହଜ଼ରତ ସ.ଅଙ୍କ ଉକ୍ତ କଥା ଉପରେ ଅନ୍‌ସାରୀ ବ୍ୟକ୍ତି ଅସନ୍ତୋଷ ବ୍ୟକ୍ତ କରି କହିଲା ଯେ, ହେ ଅଲ୍ଲାଃଙ୍କ ରସୁଲ୍ ! ଜ଼ୁବୈର ଆପଣଙ୍କ ପିଉସୀ ପୁଅ ଭାଇ ନା ସେଇଥିପାଇଁ ଆପଣ ଏଭଳି ନିଷ୍ପତ୍ତି ଶୁଣେଇଲେ । ଏଥିରେ ଆଁହଜ଼ରତ୍ ସ.ଅଙ୍କ ମୁଖମଣ୍ଡଳର ବର୍ଣ୍ଣ ସଙ୍ଗେସଙ୍ଗେ ପରିବର୍ତ୍ତିତ ହୋଇଗଲା ଏବଂ ଆଁହଜ଼ରତ ସ.ଅ ଜ଼ୁବୈର ର.ଅଙ୍କୁ କହିଲେ ଯେ, ବର୍ତ୍ତମାନ ତୁମେ ନିଜ ଚାଷଜମିରେ ପାଣି ମଡାଅ ଏବଂ ଯେପର୍ଯ୍ୟନ୍ତ ପାଣି ହିଡ଼ର ଚୂଳ ପର୍ଯ୍ୟନ୍ତ ପହଞ୍ଚି ଯାଇ ନାହିଁ ସେପର୍ଯ୍ୟନ୍ତ ତୁମେ ପାଣିକୁ ଅଟକାଇ ରଖି ପାରିବ । ପ୍ରକୃତ ପକ୍ଷରେ କହିବାକୁ ଗଲେ ଆଁହଜ଼ରତ ସ.ଅ ଯେପରି ହଜ଼ରତ ଜ଼ୁବୈର ର.ଅଙ୍କୁ ତାଙ୍କର ପୂର୍ଣ୍ଣ ଅଧିକାର ପ୍ରଦାନ କରିଥିଲେ । ଏହାର ଅପର ପକ୍ଷରେ ପୂର୍ବରୁ ଆଁହଜ଼ରତ ସ.ଅ ଯେଉଁ ନିଷ୍ପତ୍ତି ନେଇଥିଲେ ସେଥିରେ ସେହି ଅନ୍‌ସାରୀ ପାଇଁ ବ୍ୟାପକତା ଅନ୍ତର୍ନିହିତ ରଖିଥିଲେ । ହଜ଼ରତ ଜ଼ୁବୈର ର.ଅ କହନ୍ତି ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ଏହା ଭାବୁଛି ଯେ, ନିମ୍ନୋକ୍ତ ଆୟତଟି ସେହି ଘଟଣାକୁ ଆଧାର କରି ଅବତୀର୍ଣ୍ଣ ହୋଇଥିଲା:

فَلَا وَ رَبِّكَ لَا يُؤْمِنُوْنَ حَتّٰى يُحَكِّمُوْكَ فِيْمَا شَجَرَ بَيْنَهُمْ ثُمَّ لَا يَجِدُوْا فِيْٓ اَنْفُسِهِمْ حَرَجًا مِّمَّا قَضَيْتَ وَ يُسَلِّمُوْا تَسْلِيْمًا (النِّساء: 66)

*ଅର୍ଥାତ ତୁମର ପାଳନ କର୍ତ୍ତାଙ୍କ ଶପଥ; ଯେ ପର୍ଯ୍ୟନ୍ତ ସେମାନେ ସେମାନଙ୍କ ପରସ୍ପର ବିବାଦ ସଂକ୍ରାନ୍ତରେ ତୁମ୍ଭଙ୍କୁ ବିଚାରପତି ରୂପେ ନିଯୁକ୍ତ ନ କରନ୍ତି ଓ ତୁମ୍ଭର ନିଷ୍ପତ୍ତି ସଂକ୍ରାନ୍ତରେ ସେମାନଙ୍କ ମନରେ କୌଣସି ଖେଦ ନ ରଖନ୍ତି ଏବଂ ସଂପୂର୍ଣ୍ଣ ଭାବରେ ଆଜ୍ଞାପାଳନ ନ କରନ୍ତି ସେ ପର୍ଯ୍ୟନ୍ତ ସେମାନେ ପ୍ରକୃତ ବିଶ୍ୱାସକାରୀର ପଦବାଚ୍ୟ ହୋଇପାରିବେ ନାହିଁ ।*

ହଜ଼ରତ ଜ଼ୁବୈର ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ନିମ୍ନ ଆୟତଟି ଅବତୀର୍ଣ୍ଣ ହେଲା ଯେ, ثُمَّ اِنَّكُمْ يَوْمَ الْقِيٰمَةِ عِنْدَ رَبِّكُمْ تَخْتَصِمُوْنَ ଅର୍ଥାତ ନିଃସନ୍ଦେହ ! ତୁମ୍ଭେମାନେ ପ୍ରଳୟ ଦିବସରେ ନିଜ ପାଳକର୍ତ୍ତାଙ୍କ ସମ୍ମୁଖରେ ପରସ୍ପର ସହିତ କଳହ କରିବ । ପ୍ରତ୍ୟୁତ୍ତରରେ ଜ଼ୁବୈର ର.ଅ ଆଁହଜ଼ରତ ସ.ଅଙ୍କୁ ପ୍ରଶ୍ନ କଲେ ଯେ, ହେ ଅଲ୍ଲାଃଙ୍କ ରସୁଲ ! କ'ଣ ଏହାର ଯଥାର୍ଥ ଆମମାନଙ୍କର ସାଂସାରିକ କଳହ ? ନବୀ କରୀମ୍ ସ.ଅ

କହିଲେ ହଁ । ପୁନଶ୍ଚ ଯେତେବେଳେ ଏହି ଆୟତଟି ଅବତୀର୍ଣ୍ଣ ହେଲା ଯେ, ثُمَّ لَتُسْـَٔلُنَّ يَوْمَئِذٍ عَنِ النَّعِيمِ (التَّكَاثُر: 9) ଅର୍ଥାତ ପୁନଶ୍ଚ ମନେରଖ ! ଯେ, ସେଦିନ ପ୍ରତ୍ୟେକ ମହାନ୍ ଅନୁଗ୍ରହ ସମ୍ବନ୍ଧରେ ତୁମମାନଙ୍କୁ ପ୍ରଶ୍ନ କରାଯିବ (ଯେ ତୁମେମାନେ ତାହା ନିମନ୍ତେ କୃତଜ୍ଞ ହୋଇଛ କି ନାହିଁ ?) । ହଜ଼ରତ ଜ଼ୁବୈର୍ ର.ଅ ପ୍ରଶ୍ନ କଲେ ଯେ, ହେ ଅଲ୍ଲାଃଙ୍କ ରସୁଲ ! ଆମମାନଙ୍କୁ କେଉଁ ପୁରସ୍କାର ସଂକ୍ରାନ୍ତରେ ପ୍ରଶ୍ନ କରାଯିବ । ଅଥଚ ଆମମାନଙ୍କ ନିକଟରେ ତ' କେବଳ ଖଜୁରୀ ଓ ପାନୀୟ ରହିଛି । ନବୀ କରୀମ୍ ସ.ଅ କହିଲେ ସାବଧାନ ! ଏହି ନେମତ୍‌ର ଯୁଗ ମଧ୍ୟ ଖୁବ୍ ନିକଟବର୍ତ୍ତୀ ହୋଇ ଆସୁଛି ।

ଜଣେ ବୟୋଜ୍ୟେଷ୍ଠ ହଜ଼ରତ ଜ଼ୁବୈର୍ ର.ଅଙ୍କୁ କହିଲେ ମୁଁ ଆପଣଙ୍କ ଶରୀରରେ ଏଭଳି କ୍ଷତଚିହ୍ନ ଦେଖିଛି, ଯାହା ଆଜି ପର୍ଯ୍ୟନ୍ତ ମୁଁ କାହାରି ଶରୀରରେ ଦେଖି ନାହିଁ । ହଜ଼ରତ ଜ଼ୁବୈର୍ ର.ଅ ପ୍ରତ୍ୟୁତ୍ତରରେ କହିଲେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ଏହି ସମସ୍ତ କ୍ଷତ ମୋତେ ଅଲ୍ଲାଃତାଲାଙ୍କ ମାର୍ଗରେ ଆଁହଜ଼ରତ ସ.ଅଙ୍କ ସାଙ୍ଗରେ ଯୁଦ୍ଧ ଲଢୁଥିବା ଯୋଗୁଁ ପହଞ୍ଚି ଅଛି ।

ହଜ଼ରତ ଜ଼ୁବୈର୍ ର.ଅଙ୍କ ଏକ ଦାସ ଥିଲେ ଯିଏ ଜ଼ୁବୈର୍ ର.ଅଙ୍କୁ ତାଙ୍କ ଭୂମିରୁ ଉତ୍ପନ୍ନ ଶସ୍ୟର ଟିକସ ଦେଉଥିଲେ । ସେ ସେହି ଶସ୍ୟରୁ କାଣିଚାଏ ବି ଘରକୁ ଆଣୁ ନଥିଲେ ଏବଂ ସମସ୍ତ ଶସ୍ୟ ଦାନ ଦେଇ ଦେଉଥିଲେ । ହଜ଼ରତ୍ ଉମର୍ ର.ଅ କହନ୍ତି ଯେ, ହଜ଼ରତ ଜ଼ୁବୈର୍ ର.ଅ ଇସ୍‌ଲାମ୍ ଧର୍ମର ସ୍ତମ୍ଭ ମଧ୍ୟରୁ ଗୋଟିଏ ସ୍ତମ୍ଭ ଥିଲେ । ହଜ଼ରତ ଅବଦୁଲ୍ଲାଃ ବିନ୍ ଜ଼ୁବୈର୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ଜ଼ୁବୈର୍ ର.ଅ ଜମଲ୍ ଯୁଦ୍ଧ ଦିନ ମୋତେ ଡ଼ାକିଲେ ଏବଂ କହିଲେ ଯେ, ହେ ମୋର ପ୍ରିୟ ପୁତ୍ର ! ମୋତେ ଆଜି ଏହା ପ୍ରତୀତ ହେଉଛି ଯେ, ମୁଁ ଆଜି ଅତ୍ୟାଚାରିତ ଭାବରେ ନିହତ ହେବି । ତେଣୁ ମୁଁ ମୋର ଋଣ ଯୋଗୁଁ ଚିନ୍ତିତ ଅଛି । ପୁନଶ୍ଚ କହିଲେ ଯେ, ହେ ମୋର ପୁତ୍ର ! ଯଦି ତୁମେ ମୋର ଏହି ଋଣ ପରିଶୋଧ କରିବାକୁ ଅସମର୍ଥ ହୁଅ ତେବେ ତୁମେ ମୋର ସାଥି (ଓଲି)ଙ୍କ ଠାରୁ ସାହାଯ୍ୟ ଲୋଡ଼ିବ । ଅବ୍‌ଦୁଲ୍ଲାଃ ବିନ୍ ଜ଼ୁବୈର୍ ର.ଅ କହନ୍ତି ଯେ, ମୁଁ ତାଙ୍କୁ ପ୍ରଶ୍ନ କଲି ଯେ, ଆପଣଙ୍କର ସାଥି କିଏ ? ତେବେ ହଜ଼ରତ୍ ଜ଼ୁବୈର୍ ର.ଅ କହିଲେ ଅଲ୍ଲାଃ । ପୁନଶ୍ଚ ଯେତେବେଳେ କୌଣସି ଋଣ ସମସ୍ୟାରେ ମୁଁ ଗ୍ରସିତ ହେଉଥିଲି ସେତେବେଳେ କହୁଥିଲି ଯେ, ହେ ଜ଼ୁବୈର୍‌ଙ୍କ ପ୍ରଭୁ ତାଙ୍କର ଋଣ ପରିଶୋଧ କରିଦିଅ । ସେତେବେଳେ ସେହି ମାଲିକ ତାଙ୍କର ଋଣ ପରିଶୋଧ କରି ଦେଉଥିଲେ । ଅର୍ଥାତ ଅଲ୍ଲାଃତାଲା ଋଣ ପରିଶୋଧ କରିବାର ସମ୍ବଳ ଯୋଗାଇ ଦେଉଥିଲେ ।

ହଜ଼ରତ ମୁସଲେହ୍ ମଉଦ୍ ର.ଅ ହଜ଼ରତ୍ ଅଲୀ ର.ଅଙ୍କ ଖିଲାଫତ୍‌ର ନିର୍ବାଚନୀର ପରିସ୍ଥିତି ସଂପର୍କରେ ବର୍ଣ୍ଣନା କରି କହନ୍ତି ଯେ, ଯେତେବେଳେ ହଜ଼ରତ ଉସ୍‌ମାନ୍ ର.ଅଙ୍କ ଶାହାଦତ୍‌ର ଅଘଟଣ ଘଟିଥିଲା ଏବଂ ହଜ଼ରତ୍ ଅଲୀ ର.ଅଙ୍କୁ ବୈଅତ୍ ନେବା ପାଇଁ ବାଧ୍ୟ କରାଗଲା ସେତେବେଳେ ସେ ବହୁବାର ଅମଙ୍ଗ ଓ ଅରାଜି ହେବା ପରେ ପରିଶେଷରେ ଏହି ଗୁରୁଦାୟିତ୍ୱକୁ ବହନ କରିବାକୁ ପ୍ରସ୍ତୁତ ହୋଇଥିଲେ ଏବଂ ଲୋକମାନଙ୍କ ଠାରୁ ବୈଅତ୍ ନେବା ଆରମ୍ଭ କରିଥିଲେ । ସେତେବେଳେ କେତେକ

ବଡ଼ ବଡ଼ ସାହାବାମାନେ ମଦିନା ବାହାରେ ଥିଲେ । ହଜ଼ରତ ତଲ୍‌ହା ଓ ହଜ଼ରତ ଜ୍ବୁବୈର୍ ର.ଅଙ୍କ ସଂପର୍କରେ ଏହା ଉଲ୍ଲେଖ ରହିଛି ଯେ, ତାଙ୍କ ଆଡ଼କୁ ହକିମ୍ ବିନ୍ ଜବ୍‌ଲା ଓ ମାଲିକ୍ ବିନ୍ ଅଶ୍‌ତର୍‌ଙ୍କୁ କେତେକ ଲୋକକଙ୍କ ସହିତ ପ୍ରେରଣ କରାଗଲା । ସେମାନେ ତାଙ୍କ ଆଗରେ ଖଡ଼୍‌ଗ ଦେଖାଇ ଛିଡ଼ା ହୋଇଗଲେ ଏବଂ କହିଲେ ଯେ, ତୁମେ ହଜ଼ରତ ଅଲୀ ର.ଅଙ୍କ ବୈଅତ୍ କରିବ ତ' ଠିକ୍ ଅଛି ଅନ୍ୟଥା ଆମେ ଏହି ମୁହୂର୍ତ୍ତରେ ତୁମକୁ ନିହତ କରିଦେବୁ । ସେମାନେ ଏହି ସର୍ତ୍ତରେ ହଜ଼ରତ ଅଲୀ ର.ଅଙ୍କର ବୈଅତ୍ କରିଥିଲେ ଯେ, ସେ ହଜ଼ରତ୍ ଉସ୍‌ମାନ ର.ଅଙ୍କ ହତ୍ୟାକାରୀଙ୍କ ଠାରୁ ଖୁବ୍ ଶୀଘ୍ର ପ୍ରତିଶୋଧ ନେବେ । କିନ୍ତୁ ପରବର୍ତ୍ତୀ ସମୟରେ ଯେତେବେଳେ ସେ ଦେଖିଲେ ଯେ, ହଜ଼ରତ ଅଲୀ ର.ଅ ହତ୍ୟାକାରୀଙ୍କ ଠାରୁ ପ୍ରତିଶୋଧ ନେବାରେ ଶୀଘ୍ରତା ପ୍ରଦର୍ଶନ କରୁ ନାହାନ୍ତି, ତେଣୁ ସେମାନେ ତାଙ୍କ ବୈଅତରୁ ପୃଥକ ହୋଇଗଲେ ଏବଂ ମଦିନାରୁ ମକ୍କା ଚାଲି ଆସିଥିଲେ । ପୁନଶ୍ଚ ହଜ଼ରତ ଉସ୍‌ମାନ ର.ଅଙ୍କ ହତ୍ୟାକାରୀଙ୍କ ଏକ ପ୍ରତିନିଧି ଦଳ ହଜ଼ରତ ଆଏଶା ର.ଅଙ୍କ ନିକଟରେ ଫେରାଦ ହୋଇ ତାଙ୍କୁ ଏହି କଥାରେ ରାଜି କରାଇଲେ ଯେ, ସେ ହଜରତ ଉସ୍‌ମାନ ର.ଅଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଜିହାଦ୍‌ର ଘୋଷଣା କରନ୍ତୁ । ହଜ଼ରତ ତଲ୍‌ହା ଓ ହଜ଼ରତ ଜ୍ବୁବୈର୍ ର.ଅ ମଧ୍ୟ ସେମାନଙ୍କ ସହିତ ସାମିଲ ହୋଇଗଲେ ଏବଂ ଯାହା ଫଳରେ ହଜ଼ରତ୍ ଅଲୀ ଏବଂ ହଜ଼ରତ୍ ଆଏଶା ଓ ହଜ଼ରତ୍ ଜ୍ବୁବୈର୍ ର.ଅଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା ଯାହାକୁ ଜମଲ୍ ଯୁଦ୍ଧ ନାମରେ ନାମିତ କରାଯାଏ । ଉକ୍ତ ଯୁଦ୍ଧର ପ୍ରାରମ୍ଭରେ ହଜ଼ରତ ଜ୍ବୁବୈର୍ ର.ଅ ହଜ଼ରତ ଅଲୀ ର.ଅଙ୍କ ତୁଣ୍ଡରୁ ଆଁହଜ଼ରତ ସ.ଅଙ୍କ ଏକ ଭବିଷ୍ୟବାଣୀ ଶୁଣି ଉକ୍ତ ସଂଘର୍ଷରୁ ଓହରି ଯାଇଥିଲେ । ଯେଉଁ ଭବିଷ୍ୟବାଣୀରେ ଆଁହଜ଼ରତ ସ.ଅ ହଜ଼ରତ ଜ୍ବୁବୈର ର.ଅଙ୍କୁ କହିଥିଲେ ଯେ, ତୁମେ ଅଲୀ ର.ଅଙ୍କ ସହିତ ଯୁଦ୍ଧ କରିବ ଏବଂ ଅତ୍ୟାଚାର ବା ତ୍ରୁଟି ତୁମ ପଟୁ ହିଁ ହୋଇଥିବ । ହଜ଼ରତ ଜ୍ବୁବୈର୍ ର.ଅ ଶପଥ କଲେ ଯେ, ସେ ହଜ଼ରତ ଅଲୀ ର.ଅଙ୍କ ସହିତ ଯୁଦ୍ଧ କରିବେ ନାହିଁ । ଅନ୍ୟ ପଟରେ ହଜ଼ରତ ତଲ୍‌ହା ମଧ୍ୟ ନିଜ ବିୟୋଗ ପୂର୍ବରୁ ହଜ଼ରତ ଅଲୀ ର.ଅଙ୍କ ବୈଅତ୍ ସ୍ବୀକାର କରି ନେଇଥିଲେ ।

ହୁଜ୍ବୁର ଅନୱର ଅ.ବ କହିଲେ: ଯେତେବେଳେ ହଜ଼ରତ ଜ୍ବୁବୈର୍ ର.ଅ ମଦିନା ଆଡ଼କୁ ପ୍ରତ୍ୟାବର୍ତ୍ତନର ଇଚ୍ଛା ବ୍ୟକ୍ତ କଲେ ସେତେବେଳେ ଉମୈର୍ ବିନ୍ ଜର୍‌ମୁଜ୍ ଅଶ୍ୱ ଉପରେ ଆରୋହଣ ହୋଇ ପଛ ପଟୁ ଆସିଲା ଏବଂ ହଜ଼ରତ୍ ଜ୍ବୁବୈର୍ ର.ଅଙ୍କ ଉପରେ ବର୍ଚ୍ଛା ସାହାଯ୍ୟରେ ଆକ୍ରମଣ କଲା ଏବଂ ତାହା ତାଙ୍କୁ ସାମାନ୍ୟ ଆଘାତ କରିଥିଲା । ପ୍ରତ୍ୟାକ୍ରମଣ ପରାୟଣ ହୋଇ ହଜ଼ରତ୍ ଜ୍ବୁବୈର୍ ର.ଅ ତା' ଉପରକୁ ମଧ୍ୟ ଆକ୍ରମଣ କରିଥିଲେ । ଯେତେବେଳେ ଜର୍‌ମୁଜ୍ ଦେଖିଲା ଯେ, ସେ ହତ୍ୟା ହେବାର ନିକଟତର ଥିଲା ସେତେବେଳେ ସେ ନିଜ ସାଥିମାନଙ୍କୁ ସାହାଯ୍ୟ ପାଇଁ ଡ଼ାକ ଛାଡ଼ିଲା ଏବଂ ସେମାନେ ସମସ୍ତେ ମିଶି ଜ୍ବୁବୈର୍ ର.ଅଙ୍କ ଉପରକୁ ଆକ୍ରମଣ କରି ତାଙ୍କୁ ଶହୀଦ୍ କରିଦେଲେ । ହଜ଼ରତ ଜ୍ବୁବୈର୍ ର.ଅଙ୍କୁ ଶହୀଦ୍ କରିବା ପରେ ଇବ୍‌ନେ ଜରମୁଜ୍ ହଜ଼ରତ ଅଲୀ ର.ଅଙ୍କ ପାଖକୁ ହଜ଼ରତ ଜ୍ବୁବୈର୍ ର.ଅଙ୍କ

କଟାମୁଣ୍ଡ ଓ ତାଙ୍କ ଖଡ଼୍ଗ ଆଣିଲେ । ଯେତେବେଳେ ଇବ୍‌ନେ ଜର୍‌ମୁଜ଼୍ ଭିତରକୁ ଆସିବା ପାଇଁ ଅନୁମିତ ଲୋଡ଼ିଲା ସେତେବେଳେ ହଜ଼ରତ୍ ଅଲୀ ର.ଅ କହିଲେ ଯେ, ଇବ୍‌ନେ ସଫିୟା ହଜ଼ରତ ଜ଼ୁବୈର୍ ର.ଅଙ୍କୁ ଶହୀଦ୍ କରିଥିବା ବ୍ୟକ୍ତି ନର୍କଗାମୀ ହେଉ । ହଜ଼ରତ ଜ଼ୁବୈର୍ ର.ଅଙ୍କୁ ସୱା ନାମକ ଉପତ୍ୟକାରେ କବର ଦିଆଯାଇଥିଲା । ଅନ୍ୟ ଏକ ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, ଯେତେବେଳେ ଇବ୍‌ନେ ଜର୍‌ମୁଜ଼୍ ହଜ଼ରତ୍ ଅଲୀ ର.ଅଙ୍କ ସେବାରେ ଉପସ୍ଥିତ ହେବା ପାଇଁ ଅନୁମତି ଚାହିଁଲା ସେତେବେଳେ ହଜ଼ରତ ଅଲୀ ର.ଅ ତା' ଠାରୁ ଦୂରତା ବଜାୟ ରଖିବା ପାଇଁ ଇଚ୍ଛା ପ୍ରକାଶ କଲେ । ପ୍ରତ୍ୟୁତ୍ତରରେ ଇବ୍‌ନେ ଜର୍‌ମୁଜ଼୍ କହିଲା ଯେ, ଜ଼ୁବୈର୍ ର.ଅ ବିପନ୍ନଙ୍କ ମଧ୍ୟରୁ ଜଣେ ନଥିଲେ କି ? ହଜ଼ରତ ଅଲୀ ର.ଅ କହିଲେ ତୋ ତୁଣ୍ଡ ମାଟି ହୋଇଯାଉ । ମୁଁ ତ' ଏହା ଆଶା କରୁଛି ଯେ, ତଲ୍‌ହା ଏବଂ ଜ଼ୁବୈର୍ ର.ଅ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ । ଯେଉଁମାନଙ୍କ ସପକ୍ଷରେ ଅଲ୍ଲାଃତାଲା କହନ୍ତି ଯେ,

وَ نَزَعْنَا مَا فِیْ صُدُوْرِهِمْ مِّنْ غِلٍّ اِخْوَانًا عَلٰی سُرُرٍ مُّتَقٰبِلِیْنَ (الحجر: 48) *ଅର୍ଥାତ ସେମାନଙ୍କ ଅନ୍ତର ମଧ୍ୟରେ ଯାହା କିଛି ବିଦ୍ୱେଷ ଥିବ ଆମ୍ଭେ ତାହାକୁ ଦୂରୀଭୂତ କରିବୁ, ସେମାନେ ଭାଇ ଭାଇ ହୋଇ ବୈକୁଣ୍ଠରେ ରହିବେ ଓ ପରସ୍ପର ମୁହାଁମୁହିଁ ହୋଇ ପଲଙ୍କରେ ବସିଥିବେ ।*

ଖୁତ୍‌ବା ଜୁମାର ଅନ୍ତେ ହୁଜ଼ୁର ଅନୱର୍ ଅ.ବ ସମ୍ମାନନୀୟ ସ୍ୱର୍ଗତ ଅଲ୍‌ହାଜ୍ ଇବ୍ରାହିମ୍ ମୁବାଏ ସାହେବ୍, ନାଏବ୍ ଅମୀର୍ ସୋମ୍ ଗ୍ୟାମ୍ବିୟା, ସମ୍ମାନନୀୟ ସ୍ୱର୍ଗତ ନଇମ୍ ଅହେମଦ୍ ଖାନ୍ ସାହେବ୍ ନାଏବ୍ ଅମୀର କରାଚୀ ପାକିସ୍ତାନ ଏବଂ ଶ୍ରୀମତି ବୁଶ୍ରା ବେଗମ୍ ସାହେବା ଜର୍ମାନୀଙ୍କ ପ୍ରଶଂସନୀୟ ଗୁଣାବଳୀର ଚର୍ଚ୍ଚା କଲେ ଏବଂ ନମାଜ଼ ଜୁମା ପରେ ଏମାନଙ୍କ ନମାଜ଼୍ ଯନାଜ଼ାଃ ଗାଏବ୍ ପଢେଇବାର ଘୋଷଣା କଲେ।

**KHULASA KHUTBA JUMA HUZOOR ANWAR a.b.a**

**4th Sep 2020**

**........................**